# All Odisha Union Bank Employees Association

( *Affiliated to* :- A.I.U.B.E.F. & B.E.F.I. through A.O.B.E.F. ), (*Date of Formation* :- 07.08.1977)
*Regd. No.* :- 1342/23.02.1981 of Indian Trade Union Act, 1926
*Regd. Office* :- C/o Union Bank of India, 38, Ashok Nagar, Near Raj Mahal Square, Bhubaneswar-751009
*Head Qrs* :- C/o Union Bank of India, Nayapalli Branch, Near Hotel Crown, Nayapalli, Bhubaneswar-751015
*e-mail* :- aoubea@gmail.com *MOBILE* :- President- 94372 72600, General Secretary- 94396 17325
Website : www.aoubea.org

ପରିପତ୍ର ସଂଖ୍ୟା – ୧୫ ଭୁବନେଶ୍ୱର

ତାରିଖ ୨୧-୦୯-୨୦୧୯

**୨୬ ଓ ୨୭ ଧର୍ମଘଟ :** ବର୍ତ୍ତମାନ କେନ୍ଦ୍ର ସରକାର ଯେଉଁଭଳି ଭାବେ ଜାତୀୟକରଣ ବ୍ୟାଙ୍କ ଗୁଡ଼ିକ ଉପରେ ଆକ୍ରମଣ କରି ଚାଲିଛନ୍ତି , ତାକୁ ପ୍ରତିହତ କରିବା ପାଇଁ ଦୀର୍ଘ ବର୍ଷ ଧରି ଆମ ଦେଶର ସମସ୍ତ ବ୍ୟାଙ୍କ କର୍ମଚାରୀ ଏବଂ ଅଫିସର ମାନେ ସମ୍ମିଳିତ ଭାବେ UFBU ମାଧ୍ୟମରେ ଲଢ଼େଇ ଜାରି ରଖିଛନ୍ତି । ବର୍ତ୍ତମାନ ବ୍ୟାଙ୍କ ମିଶ୍ରଣ/ ବିଲୟ ବିରୁଦ୍ଧରେ ହେଉ କିମ୍ବା ଦ୍ୱିପାକ୍ଷିକ ମଜୁରି ରାଜିନାମା ସଂକ୍ରାନ୍ତରେ ହେଉ, ବିଭିନ୍ନ ସମୟରେ ଆମର ଯୌଥ ଆନ୍ଦୋଳନ ଜାରି ରହିଛି । ଅତୀତରେ ମଧ୍ୟ ସଂଗଠନ ମାନେ ନିଜସ୍ୱ ସଂଗଠନ ମାଧ୍ୟମରେ ସରକାରଙ୍କ ଭୁଲ ନୀତି ଓ ନିଷ୍ପତ୍ତି ବିରୁଦ୍ଧରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ କରିଛନ୍ତି ଯାହା କର୍ତ୍ତୃପକ୍ଷ ଏବଂ ସରକାରଙ୍କ ଉପରେ ପ୍ରଭାବ ମଧ୍ୟ ପକାଇ ପାରିଛି ।

ଏହି ପରିପ୍ରେକ୍ଷୀରେ ଆସନ୍ତା ସେପ୍ଟେମ୍ବର ୨୬ ଓ ୨୭ ତାରିଖରେ ଚାରୋଟି ଅଫିସର ସଂଗଠନ ଯେଉଁ ପ୍ରସଂଗ ରେ ଦୁଇ ଦିନିଆ ସର୍ବ ଭାରତୀୟ ଧର୍ମଘଟର ଡ଼ାକରା ଦେଇଛନ୍ତି, ତାହାକୁ **BEFI** ସ୍ୱାଗତ କରିବା ସହିତ ଆନ୍ତରିକତାର ସହିତ ସମର୍ଥନ ଜଣାଇଛି । ତେଣୁ ଆମେ **AOUBEA** ତରଫରୁ ଓଡ଼ିଶା ରେ ଏହି ୨୬ ଓ ୨୭ ତାରିଖ ଧର୍ମଘଟକୁ ସମର୍ଥନ କରିବୁ । ତେଣୁ ସମସ୍ତ ସାଥୀ ମାନଙ୍କୁ ଅନୁରୋଧ ଉକ୍ତ ଦୁଇଦିନ ଆମେ ଧର୍ମଘଟ ରେ ସାମିଲ ନହେଲେ ମଧ୍ୟ ସମସ୍ତେ ନିଜ ନିଜର ଶାଖା ଓ ଅଫିସ କୁ ଆସି ବାହାରେ ରହି ସେମାନଙ୍କୁ ଆନ୍ତରିକ ସମର୍ଥନ ଜଣାଇବେ ।

**ଅକ୍ଟୋବର ୨୨ ଧର୍ମଘଟ:-** ପ୍ରାପ୍ତ ସୂଚନା ଅନୁସାରେ ଦେଶର ଦୁଇଟି ପ୍ରମୁଖ କର୍ମଚାରୀ ସଂଗଠନ ଆମ **BEFI** ଓ **AIBEA** ମିଳିତ ଭାବେ ବିଭିନ୍ନ ପ୍ରସଂଗରେ ଆସନ୍ତା ଅକ୍ଟୋବର ୨୨ ତାରିଖରେ ଏକଦିବସୀୟ ଧର୍ମଘଟର ଡାକରା ଦେଇଛନ୍ତି । ତେଣୁ ଆପଣମାନଙ୍କୁ ଅନୁରୋଧ ଆମେ ଓଡ଼ିଶାରେ **AOUBEA** ତରଫରୁ ଉକ୍ତ ଧର୍ମଘଟକୁ ସମ୍ପୂର୍ଣ୍ଣ ରୂପେ ସଫଳ କରିବୁ । ଏହି ଧର୍ମଘଟ ରେ ସାମିଲ ହୋଇ ସରକାରଙ୍କ ଭୁଲ ନିଷ୍ପତ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସରକାରଙ୍କ ଜନ ବିରୋଧୀ ନୀତି କୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିବୁ ।

ଧର୍ମଘଟ ପାଇଁ ଦାବି ଗୁଡିକ ନିମ୍ନ ରେ ପ୍ରଦତ୍ତ କରାଗଲା ।

- ବ୍ୟାଙ୍କ ଗୁଡିକର ମିଶ୍ରଣ /ବିଲୟ ପ୍ରକ୍ରିୟା ବନ୍ଦ କରାଯାଉ ।
- ବ୍ୟାଙ୍କ ଗୁଡିକର ସୁଧାରିକରଣ ବନ୍ଦ କରାଯାଉ ।
- ବକେୟା ଋଣକୁ ଆଦାୟ କରିବାର ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଉ/ଋଣ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ।
- ଜୋରିମାନା ଶୁଳ୍କ ଓ ବର୍ଦ୍ଧିତ ସେବା ଶୁଳ୍କ ନେଇ ଗ୍ରାହକ ଙ୍କୁ ଶୋଷଣ କାରାନଯାଉ ଓ ଟଙ୍କା ଜମା ଉପରେ ସୁଧ ବୃଦ୍ଧି ଆରାଯାଉ ।
- ଚାକିରି ଓ ଚାକିରି ର ସ୍ଥାୟିତ୍ୱ ଉପରେ ଆକ୍ରମଣ ବନ୍ଦ କରାଯାଉ ।
- ସମସ୍ତ ବ୍ୟାଙ୍କ ରେ ପର୍ଯ୍ୟାପ୍ତ ପରିମାଣରେ ନିଯୁକ୍ତି ଦିଆଯାଉ ।

**BEFI** ର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ସମସ୍ତ ଶାଖା ଓ ଅଫିସ ମାନଙ୍କରେ ପାଳନ କରିବେ ବୋଲି ମୋର ଆଶା ଓ ବିଶ୍ୱାସ ।

| | |
|---|---|
| ୨୫- ୦୯- ୨୦୧୯ | ତାରିଖ ସୁଧା ପୋଷ୍ଟର ମାରିବେ । |
| ୩୦-୦୯-୨୦୧୯ | କଳା ବ୍ୟାଜ ପରିଧାନ । |
| ୦୪-୧୦-୨୦୧୯ | ସମସ୍ତ କେନ୍ଦ୍ର ମାନଙ୍କରେ ବିକ୍ଷୋଭ ପ୍ରଦର୍ଶନ । |
| ୧୪-୧୦-୨୦୧୯ | ଧାରଣା କାର୍ଯ୍ୟକ୍ରମ । |
| ୨୧-୧୦-୨୦୧୯ | ବିଭିନ୍ନ କେନ୍ଦ୍ର ରେ ରାଲି ଏବଂ ବିକ୍ଷୋଭ ପ୍ରଦର୍ଶନ । |
| ୨୨-୧୦-୨୦୧୯ | ଦେଶ ବ୍ୟାପୀ ଏକଦିବସୀୟ ଧର୍ମଘଟ । |

## ୨୨ ଅକ୍ଟୋବର ଧର୍ମଘଟ କୁ ସଫଳ କର ।

**BEFI** ଜିନ୍ଦାବାଦ୍

AOBEF ଜିନ୍ଦାବାଦ୍

AOUBEA- ଜିନ୍ଦାବାଦ୍

ଅଜୟ କୁମାର ମହାନ୍ତି
ସାଧାରଣ ସମ୍ପାଦକ